# D.A.V. PUBLIC SCHOOLS, POKHARIPUT, BBSR
## PERIODIC ASSEMENT - 1 (2020-2021)
## CLASS – VI
## SUBJECT – HIGHER ODIA

**TIME- 40 MINUTES** **SET -B** **Maximum Marks -20**

**ସାଧାରଣ ନିର୍ଦ୍ଦେଶାବଳୀ :-**

- ପ୍ରଶ୍ନପତ୍ରରେ ସର୍ବମୋଟ **୨୦ଟି ପ୍ରଶ୍ନ** ଅଛି ।
- ପ୍ରତ୍ୟେକ ପ୍ରଶ୍ନର **୪ଟି ( i ) (ii) (iii) (iv) ବହୁବୈକଳ୍ପିକ ଉତ୍ତର** ପ୍ରଦାନ କରାଯାଇଛି ।
- ସେଥିମଧ୍ୟରୁ ଠିକ୍ ଉତ୍ତରଟି ଉତ୍ତରମାଳାରେ ଚିହ୍ନିତ କର ।
- ସମସ୍ତ ପ୍ରଶ୍ନର ଉତ୍ତର ବାଧ୍ୟତାମୂଳକ ଅଟେ ।

❖ **ନିମ୍ନ ପ୍ରଦତ୍ତ ଅନୁଚ୍ଛେଦଟି ପାଠକରି ପ୍ରଶ୍ନ (ସଂଖ୍ୟା ୧.ରୁ ୫. ପର୍ଯ୍ୟନ୍ତ )ଗୁଡ଼ିକର ଠିକ୍ ଉତ୍ତର ବାଛ ।** **(୨୦X୧=୨୦)**

ସାରା ବିଶ୍ୱକୁ କବଳିତ କରି ରଖିଛି ମହାମାରୀ କରୋନା । ଭାରତରେ ମଧ୍ୟ ମହାମାରୀ କରୋନା ସ୍ଥିତି ଅନିୟନ୍ତ୍ରିତ ହେଉଛି । ପ୍ରତିଦିନ ଦେଶରେ ରେକର୍ଡ ପରେ ରେକର୍ଡ ଭାଙ୍ଗୁଛି କରୋନା ସଂକ୍ରମଣଙ୍କ ସଂଖ୍ୟା । କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସୂଚନା ଅନୁସାରେ ଦେଶରେ ଗତ (୧୩ ଜୁନ୍ ୨୦୨୦) ଅନୁସାରେ ୨୪ ଘଣ୍ଟା ମଧ୍ୟରେ ୨୮ ହଜାର ୭୦୧ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ଏବଂ ୫୦୦ ଜଣ ମୃତ୍ୟୁବରଣ କରିଛନ୍ତି । ମହାରାଷ୍ଟ୍ରରେ କରୋନା ସ୍ଥିତି ଭୟଙ୍କର ହେଉଛି । ମହାରାଷ୍ଟ୍ରରେ ୨ ଲକ୍ଷ ୫୦ ହଜାର ହେଲାଣି ଆକ୍ରାନ୍ତଙ୍କ ସଂଖ୍ୟା । ୧୦ ହଜାର ଟପିଲାଣି ମୃତ୍ୟୁ ସଂଖ୍ୟା। ସୂଚନାଯୋଗ୍ୟ ବର୍ତ୍ତମାନ ସୁଦ୍ଧା ଦେଶରେ ୮ ଲକ୍ଷ ୭୮ ହଜାର ୨୫୪ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ୫ ଲକ୍ଷ ୫୩ ହଜାର ୪୭୧ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି ଏବଂ ୨୩ ହଜାର ୧୭୪ ଜଣ ପ୍ରାଣ ହରାଇଛନ୍ତି। ସେହିପରି ବର୍ତ୍ତମାନ ସୁଦ୍ଧା ୩ ଲକ୍ଷ ୧ ହଜାର ୬୦୯ ଜଣ ଆକ୍ରାନ୍ତ ଚିକିତ୍ସିତ ହେଉଛନ୍ତି। ସାରା ବିଶ୍ୱ ଏବେ କରୋନା ଭାଇରସର ମୁକାବିଲା କରୁଛି । ପ୍ରଥମ ରାଷ୍ଟ୍ର ଭାବେ ରୁଷ କରୋନା ଭାକସିନ୍ ମାନବ ପରୀକ୍ଷଣ ସଫଳତାର ସହିତ ଶେଷ କରିଛି। ରୁଷର ସେଚେନୋଭ ୟୁନିଭର୍ସିଟିରେ ଏହି ଭାକସିନ୍ ପରୀକ୍ଷା କରାଯାଇଥିଲା । ତେଣୁ କରୋନା ବିରୋଧରେ ଲଢ଼ିବା ପାଇଁ ଏହି ଭାକସିନ୍ ଶୀଘ୍ର ବଜାରକୁ ଆସିବ ବୋଲି ଆଶା ବଢ଼ିବାରେ ଲାଗିଛି ।

**୧. ମହାରାଷ୍ଟ୍ରରେ ମହାମାରୀ କରୋନାର ସଂଖ୍ୟା କେତେ ହେଲାଣି ?**

**(i)** ୮ ଲକ୍ଷ ୭୮ ହଜାର

**(ii)** ୨୩ ହଜାର ୧୭୪ ଜଣ

**(iii)** ୩ ଲକ୍ଷ ୧ ହଜାର

**(iv)** ୨ ଲକ୍ଷ ୫୦ ହଜାର

**୨. ବର୍ତ୍ତମାନ ସୁଦ୍ଧା ଦେଶରେ କେତେ ଜଣ ମହାମାରୀ କରୋନା ଆକ୍ରାନ୍ତରୁ ସୁସ୍ଥ ହୋଇ ଘରକୁ ଫେରିଛନ୍ତି ?**

**(i)** ୨୮ ହଜାର ୭୦୧ଜଣ

**(ii)** ୧ ହଜାର ୬୦୯ ଜଣ

**(iii)** ୫ ଲକ୍ଷ ୫୩ ହଜାର ୪୭୧ ଜଣ

**(iv)** ୫୩ ହଜାର ୪୭୧ ଜଣ

**୩.** କେଉଁ ରାଷ୍ଟ୍ର ପ୍ରଥମେ କରୋନା ଭାକସିନ୍‌ର ସଫଳ ମାନବ ପରୀକ୍ଷଣ କରିଛି ?

**(i)** ରୁଷ

**(ii)** ଭାରତ

**(iii)** ଚୀନ

**(iv)** ବ୍ରାଜିଲ୍

**୪. ପ୍ରତିଦିନ ଦେଶରେ କିଏ ରେକର୍ଡ ଭାଙ୍ଗୁଛି ?**

**(i)** ପାଣିପାଗ

**(ii)** କ୍ରିକେଟ୍ ଖେଳ

**(iii)** କରୋନା ସଂକ୍ରମଣଙ୍କ ସଂଖ୍ୟା

**(iv)** ଅମିତାଭ ବଚ୍ଚନ

**୫. କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସୂଚନା ଅନୁସାରେ ଦେଶରେ ଗତ (୧୩ ଜୁନ୍ ୨୦୨୦) ଅନୁସାରେ ୨୪ ଘଣ୍ଟା ମଧ୍ୟରେ କେତେଜଣ ମୃତ୍ୟୁବରଣ କରିଛନ୍ତି ?**

**(i)** ୫୦ଜଣ

**(ii)** ୫୦୦ଜଣ

**(iii)** ୫୦୦୦ଜଣ

**(iv)** କେହି ମୃତ୍ୟୁବରଣ କରିନାହାନ୍ତି

**୬.ସୁଲତାନ୍ କାଜିଙ୍କୁ କାହିଁକି ଧନ୍ୟବାଦ ଦେଲେ ?**

**(i)** ସପକ୍ଷ ବିଚାର ପାଇଁ **(ii)** ନିରପେକ୍ଷ ବିଚାର ପାଇଁ **(iii)** ପରୱାନା ପାଇଥିବାରୁ **(iv)** ଅନ୍ୟାୟ ପାଇଁ

**୭.'ନ୍ୟାୟ ବିଚାର ହେଉଛି ଆପଣଙ୍କର କର୍ତ୍ତବ୍ୟ ' – ଏହି ଉକ୍ତିଟି କିଏ କହିଛନ୍ତି ?**

**(i)** ଜାନକୀ ବାଈ

**(ii)** ସୁଲତାନ୍ ଗିଆସୁଦ୍ଦିନ୍ ବଲବନ୍

**(iii)** ପିଆଦା

**(iv)** କାଜି

**୮.ଜାନକୀ ବାଈ କିପରି ପେଟ ପୋଷୁଥିଲା ?**

**(i)** କୃଷିକାର୍ଯ୍ୟ ଦ୍ୱାରା

**(ii)** ଭିକ୍ଷାବୃତ୍ତି କରି

**(iii)** ଓକିଲାତି କରି

**(iv)**ଶିକ୍ଷକତା କରି

**୯. 'ପରୱାନା' ଶବ୍ଦଟିର ଠିକ୍ ଅର୍ଥ କ'ଣ ହେବ ?**

**(i)** ଅସହାୟ

**(ii)** ଆଗ୍ରହ

**(iii)** ସମ୍ରାଟ୍

**(iv)** ଆଦେଶ ପତ୍ର

୧୦. ଗ୍ରୀଷ୍ମଋତୁର ପୂର୍ବରୁ କେଉଁ ଋତୁ ଆସେ ?

**(i)** ବସନ୍ତ

**(ii)** ବର୍ଷା

**(iii)** ଶରତ

**(iv)** ଶୀତ

୧୧. ଖଦ୍ୟୋତ କେତେବେଳେ ଉଡ଼ିବୁଲେ ?

**(i)** ପୂର୍ବାହ୍ଣରେ

(ii) ମଧ୍ୟାହ୍ନରେ

(iii) ସନ୍ଧ୍ୟାବେଳେ

(iv) ରାତିରେ

୧୨. 'ମର୍ତ୍ତ୍ୟପୁର' ଶବ୍ଦଟିର ଠିକ୍ ଅର୍ଥ କ'ଣ ହେବ ?

**(i)** ମର୍ତ୍ତ୍ୟପୁର

(ii) ସ୍ୱର୍ଗପୁର

(iii) ପାତାଳପୁର

(iv) **(iv)**ଯମପୁର

୧୩. 'ସୂର୍ଯ୍ୟ' ର ପ୍ରତିଶବ୍ଦ କ'ଣ ହେବ ?

**(i)** କାନନ

(ii) ରବି

(iii) ତଟିନୀ

(iv) ଘନ

୧୪. 'ଗରଜି' ଶବ୍ଦର ଗଦ୍ୟରୂପ କ'ଣ ହେବ ?

**(i)** ଗରଜୀ

(ii) ଗର୍ଜୀ

(iii) ଗର୍ଜି

(iv) ଗର୍ଯି

୧୫. ଭାରତୀୟ ସଭ୍ୟତାର କେନ୍ଦ୍ର କାହାକୁ କୁହାଯାଇଛି ?

**(i)** ପର୍ବତ

(ii) ଅରଣ୍ୟ

(iii) ସାଗର

(iv) ତଟିନୀ

୧୬. ପଣ୍ଡିତ ଗୋପବନ୍ଧୁ ଦାସ କେଉଁ ସାହିତ୍ୟପତ୍ରର ପ୍ରତିଷ୍ଠାତା ?

**(i)** ଝଙ୍କାର

(ii) ବୋଧଦାୟିନୀ

(iii) ସତ୍ୟବାଦୀ

(iv) ସମାଜ

୧୭. 'ଉତ୍ତର ରାମ ଚରିତ' କାବ୍ୟର ରଚୟିତା କିଏ ?

**(i)** ବାଲ୍ମୀକି

(ii) ବ୍ୟାସଦେବ

(iii) ଭବଭୂତି

(iv) କାଳିଦାସ

୧୮. ନିମ୍ନଲିଖିତ ଶବ୍ଦଗୁଡ଼ିକ ମଧ୍ୟରୁ ନିର୍ଭୁଲ ଶବ୍ଦଟିକୁ ବାଛ ?

**(i)** ଜାତୀୟ

(ii) ଯାତୀୟ

(iii) ଜାତିୟ

(iv) ଯାତିୟ

୧୯. 'କୃତାର୍ଥ' ଶବ୍ଦଟିର ଅର୍ଥ ଏଥିମଧ୍ୟରୁ କେଉଁଟି ଠିକ୍ ?

**(i)** ବାହାରର

(ii) ପ୍ରକାଶ

(iii) ଧ୍ୱନିତ

(iv) ଧନ୍ୟ

୨୦. ମହାଭାରତରେ ପଞ୍ଚୁପାଣ୍ଡବଙ୍କୁ ରାଜ୍ୟଲାଭ ପୂର୍ବରୁ କେଉଁ ବନବାସରେ ଯିବାକୁ ପଡ଼ିଅଛି ?

**(i)** ନୀରବ ବନବାସ

(ii) ଅଜ୍ଞାତ ବନବାସ

(iii) ଭାବୁକ ବନବାସ

(iv) ସାଧନା ବନବାସ

*******************

**D.A.V. PUBLIC SCHOOLS, POKHARIPUT, BBSR**
**PERIODIC ASSEMENT - 1 (2020-2021)**
**CLASS – VI**
**SUBJECT – HIGHER ODIA**
**TIME- 40 MINUTES SET -B Maximum Marks -20**

| Qs No | Answer |
|---|---|
| ୧ | **(iv)** ୨ ଲକ୍ଷ ୫୦ ହଜାର |
| ୨ | **(iii)** ୫ ଲକ୍ଷ ୫୩ ହଜାର ୪୭୧ ଜଣ |
| ୩ | **(i)** ରୁଷ |
| ୪ | **(iii)** କରୋନା ସଂକ୍ରମଣଙ୍କ ସଂଖ୍ୟା |
| ୫ | **(ii)** ୫୦୦ଜଣ |
| ୬ | **(ii)** ନିରପେକ୍ଷ ବିଚାର ପାଇଁ |
| ୭ | **(ii)** ସୁଲତାନ୍ ଗିଆସୁଦ୍ଦିନ୍ ବଲବନ୍ |
| ୮ | **(ii)** ଭିକ୍ଷାବୃତ୍ତି କରି |

| | |
|---|---|
| ୯ | **(iv)** ଆଦେଶ ପତ୍ର |
| ୧୦ | **(i)** ବସନ୍ତ |
| ୧୧ | **(iii)** ସନ୍ଧ୍ୟାବେଳେ |
| ୧୨ | **(i)** ମର୍ତ୍ତ୍ୟପୁର |
| ୧୩ | **(ii)** ରବି |
| ୧୪ | **(iii)** ଗର୍ଜି |
| ୧୫ | **(ii)** ଅରଣ୍ୟ |
| ୧୬ | **(iii)** ସତ୍ୟବାଦୀ |
| ୧୭ | **(iii)** ଭବଭୂତି |
| ୧୮ | **(i)** ଜାତୀୟ |
| ୧୯ | **(iv)** ଧନ୍ୟ |
| ୨୦ | **(ii)** ଅଜ୍ଞାତ ବନବାସ |